ROURKELA MUNICIPAL CORPORATION

Uditnagar, Rourkela, Pin-769012

Mail Id: rourkelamunicipality@gmail.com Telephone: (0661) 2500388

Letter No: 4031

Date: 31/03/2026

**Expression of Interest (EoI) for Selection of Mission Shakti group for running Water Kiosks ( PANIYA JAL BITARAN KENDRA) under Rourkela Municipal Corporation.**

Rourkela Municipal Corporation invites Expression of Interest (EoI) in the Prescribe format in sealed cover from the intending Mission Shakti Groups having credibility and experience for running Water Kiosks **(PANIYA JAL BITARAN KENDRA)** under Rourkela Municipal Corporation.

The applicants should be under Rourkela Municipal Corporation Jurisdiction only.

| | | |
|---|---|---|
| 01 | Available of EoI documents in website | 31-03-2026 |
| 02 | Last date and time of submission of EoI | 02-04-2026 By 1.00 P.M. |
| 03 | Date and time of Opening EoI | 02-04-2026 at 4.00 P.M. |
| 04 | For downloading the EoI documents and terms and condition of assignment, please visit the Rourkela Municipal Corporation website | www.rmc.nic.in |

The authority reserve right to reject any or all the EoIs without assigning any reason thereof. Any change/ Correction/ Corrigendum in respect the above shall be placed in RMC website.

Commissioner
Rourkela Municipal Corporation

Memo No. 4032

Date. 31-03-26

- Copy to Notice Board / MIS, RMC to upload the EoI documents in Rourkela Municipal Corporation website.
- Copy to CDPO (Industrial, Uditnagar & Civitownship) for information and necessary action.

Commissioner
Rourkela Municipal Corporation

## ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ରାଉରକେଲା ମହାନଗର ନିଗମ ଅଂଚଳରେ ଜଳଛତ୍ର ପରିଚାଳନା ନିମନ୍ତେ ସନ୍ଦର୍ଭ ଓ ସର୍ତ୍ତାବଳୀ (Terms & Conditions)

ଓଡିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଉରକେଲା ମହାନଗର ନିଗମ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଗ୍ରୀଷ୍ମ ଋତୁରେ ବିଭିନ୍ନ ସ୍ଥାନ ରେ ଜଳଛତ୍ର ସ୍ଥାପନ କରିବା ପାଇଁ ଯୋଜନା କରିଅଛି । ଏହି ଜଳଛତ୍ର ପରିଚାଳନା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କରାଯିବ ପାଇଁ ବିଧିବଦ୍ଧ ସ୍ଥିର କରାଯାଇ ନିମ୍ନ ସଂତ୍ରାବଳୀ ଅନୁଯାୟୀ ଅଭିବ୍ୟକ୍ତ ପ୍ରକାଶନ (Expression of Interest) ଆହ୍ୱାନ କରାଯାଇଛି ।

୧. ଏହି ଅଭିବ୍ୟକ୍ତି ପ୍ରକାଶନ(Expression of Interest) ଶେଷ ତାରିଖ: 02-04-2026 (By 1.00PM) ଘଟିକା ଧାର୍ଯ୍ୟ ହୋଇଛି ଓ ଟେକ୍ନିକାଲ ବିଡ ରାଉରକେଲା ମହାନଗର ନିଗମ ସଭାଗୃହରେ 02-04-2026 ଅପରାହ୍ନ ୪ ଘଟିକା ରେ ଖୋଲାଯିବ ବୋଲି ସ୍ଥିର କରାଯାଇଛି ।

୨. ଏହି ଅଭିବ୍ୟକ୍ତି ପ୍ରକାଶନ(Expression of Interest) ଖୋଲାଯିବ ସମୟରେ ବିଡ଼ରେ ଅଂଶଗ୍ରହଣ କରିଥିବା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଉପସ୍ଥିତ ରହିବେ । ସଂପୃକ୍ତ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାଙ୍କ ଅନୁପସ୍ଥିତି ରେ ମଧ୍ୟ Expression of Interest କୁ ରାଉରକେଲା ମହାନଗର ନିଗମ କମିଟି ଖୋଲି ପାରିବ ।

୩. ଜଳଛତ୍ର ସମୟସୀମା : 31-03-2026 to 02-04-2026 (ଆବଶ୍ୟକ ସ୍ଥଳେ ରାଉରକେଲା ମହାନଗର ନିଗମ ସମୟସୀମା ବୃଦ୍ଧି karipare)

୪. ଜଳଛତ୍ର ନିମନ୍ତେ ସ୍ଥିର କରାଯାଇଥିବା ସ୍ଥାନ :

| | | | |
|---|---|---|---|
| ଦେଓଗାଁ , ଗାନ୍ଧୀ କଲେଜ ପାଖ | ବେଦବ୍ୟାସ ଛକ | ନବକୃଷ୍ଣ ନଗର, ଅଟୋ ଷ୍ଟାଣ୍ଡ ପୁଷ୍ପା ପାର୍କ ପାଖ | ଏସ. ଟି. ଆଇ ଛକ (ମେନ ରୋଡ) |
| ଜଗଦା, CWS Hospital ପାଖ | ନୂଆ ବସଷ୍ଟାଣ୍ଡ ପାଖ | ବିଶ୍ରା ଛକ | ବାସନ୍ତୀ କଲୋନୀ ଭେଣ୍ଡିଙ୍ଗ ଜୋନ ପାଖ |
| ଦାଣ୍ଡିଆ ପାଲୀ JP Hospital ପାଖ | | | |

ଆବଶ୍ୟକ ସ୍ଥଳେ ରାଉରକେଲା ମହାନଗର ନିଗମ ସ୍ଥିର କରାଯାଇଥିବା ସ୍ଥାନର ସଂଖ୍ୟା କମ କିମ୍ବା ଅଧିକ କରିପାରେ ।

**୫. ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଯୋଗ୍ୟତା ପରିମାପକ**

| କ୍ରମ ସଂ | ମାନଦଣ୍ଡ | ଯୋଗ୍ୟତା ପରିମାପକ |
|---|---|---|
| ୧ | ଗୋଷ୍ଠୀ ଗଠନ | ଦରଖାସ୍ତ ଦାଖଲ କରିବାର ୦୧ ବର୍ଷ ପୂର୍ବରୁ ଗଠନ ହୋଇଥିବା ଆବଶ୍ୟକ । |
| ୨ | ଗୋଷ୍ଠୀ ପରିଚାଳନା | ପଞ୍ଚ ସୂତ୍ର ଅନୁପାଳନ କରୁଥିବେ । |
| ୩ | ସଂଚୟ ଜମା | ମିଶନ ଶକ୍ତି ଗୋଷ୍ଠୀର ଅନ୍ୟୁନ ୫୦,୦୦୦ ଟଙ୍କା ସଂଚୟ ଥିବ । |
| ୪ | ଦଳଗତ ନିଷ୍ଠା ଓ ସାଧୁତା | କୌଣସି ଅସାମାଜିକ କାର୍ଯ୍ୟରେ ଅଥବା ଅପରାଧରେ ଜଡିତ ନ ଥିବେ । |
| ୫ | ଅବସ୍ଥିତି | ସ୍ୱୟଂ ସହାୟକ ଗୋଷ୍ଠୀ ସମାନ ୱାର୍ଡର ହୋଇଥିବେ । ସମାନ ୱାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀ ଆବେଦନ କରି ନ ଥିଲେ ନିକଟବର୍ତ୍ତୀ ଅଂଚଳର ସ୍ୱୟଂ ସହାୟକ ଗୋଷ୍ଠୀକୁ ଜଳଛତ୍ର ପରିଚାଳନା ପାଇଁ ବିଚାରକୁ ନିଆଯିବ । |

୬ . ଜଳଛତ୍ର ର ପରିଚାଳନା ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଦାୟିତ୍ୱ ଓ ଭୂମିକା

କ) ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଜଳଛତ୍ର ପାଇଁ ଉଦ୍ଦିଷ୍ଟ ସ୍ଥାନରେ ରାଉରକେଲା ମହାନଗର ନିଗମ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସମୟାନୁସାରେ ଜଳଛତ୍ର ଖୋଲିବେ ।

ଖ) ମିଶନ୍ ଶକ୍ତି ଗୋଷ୍ଠୀ ଜଳଛତ୍ର ପାଇଁ ଆବଶ୍ୟକୀୟ ସରଞ୍ଜାମ କିଣିବେ ।

ଗ) ପ୍ରତ୍ୟେକ ଦିନ ଆବଶ୍ୟକୀୟ ସ୍ୱଚ୍ଛ ପାଣି ମାଟି ହାଣ୍ଡି/ପାତ୍ର ରେ ଭର୍ତ୍ତି କରିବେ (ପୂର୍ବ ଦିନର ପାଣି ବ୍ୟବହାର କରିବା ନିଷେଧ ଅଟେ) ।

ଘ) ମିଶନ୍ ଶକ୍ତି ଗୋଷ୍ଠୀ ଜଳଛତ୍ର ସ୍ଥାନକୁ ସଫସୁତୁରା ରଖିବେ ।

ଙ) ଜଳଛତ୍ର ସ୍ଥାନକୁ ଆସୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କ ସହିତ ଉତ୍ତମ ବ୍ୟବହାର ଦେଖାଇବେ ।

୭. ପ୍ରୋତ୍ସାହନ ଅର୍ଥ ରାଶି ଓ ଦେୟ ପ୍ରଦାନ

| କ୍ର: ସଂ: | କେଉଁ ବାବଦରେ | ଧାର୍ଯ୍ୟ ଦେୟ |
|---|---|---|
| ୧ | ମାଟି ହାଣ୍ଡି/ପାତ୍ର (୩ ଗୋଟି) | ୧୫୦୦ ଟଙ୍କା (ଗୋଟେ ଥର) |
| ୨ | ମଗ୍ – ୧ ଗୋଟି | |
| ୩ | ହାଣ୍ଡି ଘୋଡେଇବା ପାଇଁ ନାଲି କପଡା | |
| ୪ | ଷ୍ଟିଲ୍ ଗ୍ଲାସ (୨ ଗୋଟି) | |
| ୫ | ପାଣି ଦେବା ପାଇଁ ଲମ୍ବା ହ୍ୟାଣ୍ଡେଲ୍ ଥିବା ଷ୍ଟିଲ୍ ଡଙ୍କୀ | |
| ୬ | ପାରିଶ୍ରମିକ (୩୦ ଦିନ ନିମନ୍ତେ) | ୧୦,୦୦୦ ଟଙ୍କା |

ମିଶନ୍ ଶକ୍ତି ଗୋଷ୍ଠୀଙ୍କୁ ପ୍ରଥମେ ଜଳଛତ୍ର ପାଇଁ ରାଉରକେଲା ମହାନଗର ନିଗମ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ଖର୍ଚ୍ଚ କରିବାକୁ ପଡିବ । ଜଳଛତ୍ର ର ସମୟସୀମା ସରିଲା ପରେ ସମସ୍ତ ଦେୟ ମିଶନ୍ ଶକ୍ତି ଗୋଷ୍ଠୀଙ୍କୁ ରାଉରକେଲା ମହାନଗର ନିଗମ ଦ୍ୱାରା ପ୍ରଦାନ କରାଯିବ ।

୮. ଆବେଦନ ପତ୍ର

ଜଳଛତ୍ର ପରିଚାଳନା ନିମନ୍ତେ ଆବେଦନ ପତ୍ର ପରିଶିଷ୍ଟ-କ, ଖ, ଓ ଗ ଦିଆଗଲା । ଇଚ୍ଛୁକ ମିଶନ୍ ଶକ୍ତି ଗୋଷ୍ଠୀ ୩ ଗୋଟି ପରିଶିଷ୍ଟ ଓ ଆବଶ୍ୟକୀୟ କାଗଜାତ ସହିତ ଆବେଦନ କରିପାରିବେ ନିଜ ୱାର୍ଡରେ ହେବାକୁ ଥିବା ଜଳଛତ୍ର ନିମନ୍ତେ ଆବେଦନ କରିପାରିବେ । ଆବେଦନ କରିବା ପୂର୍ବରୁ ଆପଣଙ୍କ ୱାର୍ଡ ର ଗୋଷ୍ଠୀ ସଙ୍ଗଠିକାଙ୍କ ଠାରୁ ସ୍ୱୟଂ ସହାୟକ ଗୋଷ୍ଠୀର ରେଜିଷ୍ଟର ଓ ଦସ୍ତାବିଜ ଯାଞ୍ଚ କରାଇନେବେ । ପରିଶିଷ୍ଟ-ଗ ଗୋଷ୍ଠୀ ସଙ୍ଗଠିକାଙ୍କ ଦ୍ୱାରା ପୂରଣ କରାଯିବା ସହିତ ସ୍ୱାକ୍ଷର କରିବେ ।

*ଗୋଷ୍ଠୀ ସଙ୍ଗଠିକାଙ୍କ ବିନା ଯାଞ୍ଚରେ ଆବେଦନ ହୋଇଥିବା ଫର୍ମ/ଦସ୍ତାବିଜ ଗ୍ରହଣୀୟ ନୁହେଁ ।*

୯. ଚୟନ ପ୍ରକ୍ରିୟା: ଜଳଛତ୍ର ଅବସ୍ଥିତ ଥିବା ୱାର୍ଡ ରୁ ଯଦି ଏକରୁ ଅଧିକ ଆବେଦନ ଆସେ, ତେବେ ଆବେଦନ କରିଥିବା ମିଶନ୍ ଶକ୍ତି ଗୋଷ୍ଠୀ ମାନଙ୍କ ମଧ୍ୟରୁ ଲଟେରୀ ମାଧ୍ୟମରେ ଗୋଟିଏ ମିଶନ୍ ଶକ୍ତି ଗୋଷ୍ଠୀଙ୍କୁ ଚୟନ କରାଯିବ । ଜଳଛତ୍ର ଅବସ୍ଥିତ ଥିବା ୱାର୍ଡ ରୁ ଯଦି କୌଣସି ବି ମିଶନ୍ ଶକ୍ତି ଗୋଷ୍ଠୀ ଆବେଦନ କରନ୍ତି ନାହିଁ, ତେବେ ଜଳଛତ୍ର ନିମନ୍ତେ ନିକଟବର୍ତ୍ତୀ ଅଞ୍ଚଳର ମିଶନ୍ ଶକ୍ତି ଗୋଷ୍ଠୀଙ୍କୁ ଚୟନ କରାଯାଇପାରେ ।

୧୦. ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର :

ଏହି ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ ନୋଟିସ୍ ରେ ଥିବା କୌଣସି ଜିନିଷକୁ ଖାତିର ନକରି କୌଣସି କାରଣ ନଦର୍ଶାଇ, ରାଉରକେଲା ମହାନଗର ନିଗମ ଯେକୌଣସି ପ୍ରସ୍ତାବକୁ ଆଂଶିକ/ସମ୍ପୂର୍ଣ୍ଣ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିପାରିବ ଏବଂ ଚୟନ ପ୍ରକ୍ରିୟାକୁ ମଧ୍ୟ ବାତିଲ କରିପାରିବ । ଏତଦ ବ୍ୟତୀତ ରାଉରକେଲା ମହାନଗର ନିଗମ ମଧ୍ୟ ନିମ୍ନଲିଖିତ କାରଣ ପାଇଁ, ଯେକୌଣସି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ଅଛି:

- ଯଦି ପ୍ରସ୍ତାବରେ କୌଣସି ବିଷୟରେ ଭୁଲ ଉପସ୍ଥାପନା କରାଯିବାର ଜଣା ପଡିବ,
- ଯଦି ସ୍ୱୟଂ ସହାୟକ ଗୋଷ୍ଠୀ ପର୍ଯ୍ୟାପ୍ତ ସୂଚନା ଦାଖଲ କରି ନ ଥିବେ ।

# ପରିଶିଷ୍ଟ-କ

ପ୍ରାପ୍ତେଷୁ,

ଆୟୁକ୍ତ,

ରାଉରକେଲା ମହାନଗର ନିଗମ, ରାଉରକେଲା

ବିଷୟ: .............................................. ଠାରେ ଜଳଛତ୍ର ସ୍ଥାପନ ଓ ପରିଚାଳନା ନିମନ୍ତେ ଆବେଦନ ।

ମହାଶୟ,

ଏତଦ୍ୱାରା ଆପଣଙ୍କୁ ଜଣାଇ ଦେଉଛୁ କି, ଆମ୍ଭେ ______________________ ସ୍ୱୟଂ ସହାୟକ ଗୋଷ୍ଠୀ, ଠିକଣା:________________________________________________, ୱାର୍ଡ ସଂଖ୍ୟା:______, ରାଉରକେଲା; ________________________________________ ଠାରେ ଜଳଛତ୍ର ସ୍ଥାପନ ଓ ପରିଚାଳନା ଦାୟିତ୍ୱ ନେବା ପାଇଁ ଇଚ୍ଛୁକ ଅଟୁ । ଏହା ପାଇଁ ଆବଶ୍ୟକ ସମସ୍ତ ଦସ୍ତାବିଜ ଆମ୍ଭେ ଏହି ଦରଖାସ୍ତ ସହିତ ସଂଲଗ୍ନ କରିଅଛୁ ।

ସଙ୍କଳ୍ପନାମା: ଆମ୍ଭେ ଘୋଷଣା କରୁଅଛୁକି ପ୍ରସ୍ତାବରେ ଦିଆଯାଇଥିବା ସମସ୍ତ ତଥ୍ୟ/ବିବୃତି ନିର୍ଭୁଲ ଅଟେ । ଯଦି କୌଣସି ତଥ୍ୟ ଭୁଲ ପ୍ରମାଣିତ ହୁଏ, ତାହେଲେ ଆମ୍ଭେ ଜଳଛତ୍ର ର ପରିଚାଳନା ପାଇଁ ଅଯୋଗ୍ୟ ବିବେଚିତ ହେବୁ ।

୧- ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ବ୍ୟାଙ୍କ ବହିର ପ୍ରଥମ ଓ ଶେଷ ପୃଷ୍ଠା ☐

୨- ପରିଶିଷ୍ଟ-ଖ ☐

୩- ପରିଶିଷ୍ଟ-ଗ ☐

ସଭାପତିଙ୍କ ମୋହର ସହିତ ସ୍ୱାକ୍ଷର:

ତାରିଖ:

ସମ୍ପାଦିକାଙ୍କ ମୋହର ସହିତ ସ୍ୱାକ୍ଷର:

## ପରିଶିଷ୍ଟ-ଖ

## ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ବିସ୍ତୃତ ବିବରଣୀ:

| କ୍ର: ସଂ: | ବିଷୟ | ସବିଶେଷ ତଥ୍ୟ |
|---|---|---|
| ୧ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ନାମ : | |
| ୨ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଠିକଣା ଓ ୱାର୍ଡ ସଂଖ୍ୟା : | |
| ୩ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଗଠନ ତାରିଖ: | |
| ୪ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ରେଜିଷ୍ଟ୍ରେସନ୍ ନମ୍ବର: | |
| ୫ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତିଙ୍କର ନାମ ଓ ମୋବାଇଲ ନମ୍ବର: | |
| ୬ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକାଙ୍କର ନାମ ଓ ମୋବାଇଲ ନମ୍ବର: | |
| ୭ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର କେଉଁ ବ୍ୟାଙ୍କରେ ସଞ୍ଚୟ ଖାତା ଅଛି : | |
| ୮ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ବ୍ୟାଙ୍କ ସଞ୍ଚୟ ଖାତା ନମ୍ବର : | |
| ୯ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ବ୍ୟାଙ୍କ ସଞ୍ଚୟ ଖାତା ନମ୍ବର : | |
| ୧୦ | ଦରଖାସ୍ତ ଜମାଦେବା ସମୟରେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ବ୍ୟାଙ୍କ ସଞ୍ଚୟ ଖାତାରେ କେତେ ଟଙ୍କା ଜମା ଅଛି?: | |
| ୧୧ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଜଡିତ ଥିବା ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ଗୁଡିକର ନାମ | |

ସଭାପତିଙ୍କ ମୋହର ସହିତ ସ୍ୱାକ୍ଷର:

ସମ୍ପାଦିକାଙ୍କ ମୋହର ସହିତ ସ୍ୱାକ୍ଷର:

# ପରିଶିଷ୍ଟ-ଗ

## ଗୋଷ୍ଠୀ ସଙ୍ଗଠିକା ଙ୍କ ଦ୍ୱାରା ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ରେଜିଷ୍ଟର ଓ ଦସ୍ତାବିଜ ଯାଞ୍ଚ ରିପୋର୍ଟ :

ଅଦ୍ୟ ତା __________ ରିଖ ଦିନ ______________ ସ୍ୱୟଂ ସହାୟକ ଗୋଷ୍ଠୀ, ______________________________ (ଠିକଣା), ୱାର୍ଡ ସଂଖ୍ୟା:______, ରାଉରକେଲା ର ସମସ୍ତ ରେଜିଷ୍ଟର ଓ ଦସ୍ତାବିଜ ମୋ ଦ୍ୱାରା ଯାଞ୍ଚ କରାଯାଇ ଯାଞ୍ଚ ରିପୋର୍ଟ ନିମ୍ନରେ ଦିଆଗଲା ।

- ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ବ୍ୟାଙ୍କ ବହିରେ ଥିବା ଜମା ରାଶି:
- ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଶେଷ ୧ ବର୍ଷରେ ନିୟମିତ ବୈଠକ କରୁଅଛି କି?
- ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଶେଷ ୧ ବର୍ଷରେ ନିୟମିତ ସଞ୍ଚୟ କରୁଅଛି କି?

- ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସଂଲଗ୍ନ କରିଥିବା ସମସ୍ତ ଦସ୍ତାବିଜରେ ଗୋଷ୍ଠୀ ସଙ୍ଗଠିକାଙ୍କ ଦସ୍ତଖତ କରିଥିବା ଏବଂ ପୂର୍ଣ୍ଣ ସ୍ୱାକ୍ଷର ଜରୁରୀ ଅଟେ ।

ମନ୍ତବ୍ୟ :

ଗୋଷ୍ଠୀ ସଙ୍ଗଠିକାଙ୍କ ନାମ:

ଗୋଷ୍ଠୀ ସଙ୍ଗଠିକାଙ୍କ ସ୍ୱାକ୍ଷର ଓ ତାରିଖ: